
ପ୍ରଶାସନ ପକ୍ଷରୁ ଅତିଥିଙ୍କୁ ଉପଢୌକନ ଓ ଟ୍ରଫି ପ୍ରଦାନ କରାଯାଉଛି।

କଳା ଓ ସଂସ୍କୃତିର ମହାକୁମ୍ଭ ମଣ୍ଡେଇରର ଶନିବାର ଥିଲା ୨ୟ ସନ୍ଧ୍ୟା। ମଞ୍ଚରେ ଦେଖିବାକୁ ମିଳିଥିଲା ଓଡିଶୀ, ଢେମସା, ଲାଞ୍ଜିଆ ସୌରା, କୋୟା, ଦଣ୍ଡାରୀ ନୃତ୍ୟ। ଏହାକୁ ଉପଭୋଗ କରିବା ପାଇଁ ମଞ୍ଚ ନିକଟରେ ସନ୍ଧ୍ୟାରୁ ଲାଗିଥିଲା ଲୋକଙ୍କ ଭିଡ଼। କଳାକାରଙ୍କ ପାରମ୍ପରିକ ନୃତ୍ୟ ଥିଲା ଅତି ମନଲୋଭା। ଏହାକୁ ମନଭରି ଉପଭୋଗ କରିବା ସହ ନୃତ୍ୟର ତାଳେ ତାଳେ ଝୁମିଥିଲେ ଦର୍ଶକ।


କୃଷି ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଉଛି।

# କଳା, ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତଙ୍କ ଚେଷ୍ଟା ଆବଶ୍ୟକ

ନବରଙ୍ଗପୁର,୧୪।୧୨(ବି.ପ୍ର.)

ପ୍ରକୃତି ଅତି ସୁନ୍ଦର। ନଦୀ ସମୁଦ୍ରରେ ମିଶେ। ମୋକ୍ଷ ପ୍ରାପ୍ତି କରେ। ସେହିଭଳି କଳା, ସଂସ୍କୃତି, ପରମ୍ପରା ମଣ୍ଡେଇ ମିଳନରେ ମୋକ୍ଷ ପ୍ରାପ୍ତି ହୋଇଛି। ଜିଲା ଗଠନ ପରେ କଳା, ସାହିତ୍ୟ, ସଂସ୍କୃତି ଏ ସବୁ କିଭଳି ସୁରକ୍ଷିତ ରହିବ ରାଜନୈତିକ ବ୍ୟକ୍ତିବିଶେଷ ଓ ପ୍ରଶାସନର ଆଗ୍ରହ ରହିବା ଆବଶ୍ୟକ ବୋଲି ନବରଙ୍ଗପୁର ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲା ଜଜ୍ ଅଶୋକ କୁମାର ପଣ୍ଡା ଯୋଗ ଦେଇ ଏହା କହିଛନ୍ତି। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର କହିଥିଲେ ଯେ, କଳା,ସଂସ୍କୃତି ସମ୍ପନ୍ନ ଅଭିଭକ୍ତ କୋରାପୁଟ ଜିଲାର ରକ୍ତର ଧମନୀରେ ରହିଛି। ଆଦିବାସୀ, ସଂସ୍କୃତି ଅତି ମହାନ। ଅତିଥି ଭାବେ ପୂର୍ବତନ ଏମପି ବଳଭଦ୍ର ମାଝି କହିଥିଲେ ଯେ, କୋଷାଗୁମୁଡା ବ୍ଲକରେ ଘଟିଥିବା ନାବାଳିକା ବଳାତ୍କାର ଘଟଣା ଅତି ହୃଦୟ ବିଦାରକ । ମଞ୍ଚରେ ତାହାର ସଦଗତି କାମନା କରୁଛି। ଜିଲାର ସମସ୍ତ ଜନଜାତି ଓ ଜନସାଧାରଣ ସ୍ୱଚ୍ଛଳ ଜୀବନଯାପନ ପାଇଁ ବିଜ୍ଞାନ ଓ ଜ୍ଞାନକୌଶଳ ମାଧ୍ୟମରେ ନବରଙ୍ଗପୁର ଜିଲାର ୧୨ଟି କୃଷି ବୈଜ୍ଞାନିକ କାମ କରୁଛନ୍ତି। ଫଳରେ କୃଷକଙ୍କ ଉନ୍ନତି ହେବ ବୋଲି ଆଶା ପୋଷଣ କରିଥିଲେ। ଭାରତୀୟ ସୀମା ସୁରକ୍ଷା ବଳ କମାଣ୍ଡାଣ୍ଟ ଜି.ବି.ଏମ. କେ. ରାଓ ଯୋଗ ଦେଇଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଅଜିତ କୁମାର ମିଶ୍ର ସଭାପତିତ୍ୱ କରି କହିଥିଲେ ଯେ, ଜିଲାର କଳା ଓ ସଂସ୍କୃତି ବିଶ୍ୱଦରବାରରେ ପହଞ୍ଚାଇବା ଉଦ୍ୟମ ରହିଛି। ଚଳିତ ବର୍ଷ ପଲ୍ଲୀଶ୍ରୀ ମେଳାରେ ୩୨୦ ଷ୍ଟଲ ଖୋଲାଯାଇଛି। ଏଥିସହ ସମସ୍ତଙ୍କ ସହଯୋଗ ରହିଥିବାରୁ କୃତଜ୍ଞତା ଜଣାଇଥିଲେ। । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ମଞ୍ଚ ପରିଚାଳନା କରିଥିଲେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଜିଲାସ୍ତରୀୟ ମଣ୍ଡେଇ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଉପଜିଲାପାଳ ଭାସ୍କର ରଇତୋ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲା ଯୋଗଣ ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତା ସମେତ ବିଭିନ୍ନ କମିଟି ସଭ୍ୟା ସଭ୍ୟମାନେ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ କୁମାର ମ୍ୟୁଜିକ ପକ୍ଷରୁ ସ୍ୱାଗତ ସଙ୍ଗୀତ, ନବରଙ୍ଗପୁର ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଓଡିଶୀ, ଡେମସା, ଦଶ ଅବତାର, ଲାଂଜିଆ ସୌରା ନୃତ୍ୟ, କୋୟା ନୃତ୍ୟ, ମୁଣ୍ଡପତା ନୃତ୍ୟ, ମେସି କ୍ଲାସିକ ଡ୍ୟାନ୍ସ, ଦଣ୍ଡାରୀ ନୃତ୍ୟ, କୋଲକତାର ଲୋକ ନୃତ୍ୟ ଆଦିବାସୀ ସଂସ୍କୃତି ଓ ପର୍ବପର୍ବାଣୀ ନୃତ୍ୟ ସହ ପଶୁ ମୁଖା ନୃତ୍ୟ ପରିବେଷଣ ହୋଇଥିଲା।


ଛାତ୍ରୀଛାତ୍ର ଓ କଳାକାରଙ୍କ ଦ୍ୱାରା ଡେମସା ନୃତ୍ୟ ପରିବେଷଣ।


ନବରଙ୍ଗପୁର ସଂସ୍କୃତି ପରିଷଦ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଉଛି।

## ମଣ୍ଡେଇ କବିତା ପାଠୋତ୍ସବ



ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହଠାରେ ଜିଲାସ୍ତରୀୟ ମଣ୍ଡେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏନେଇ କମିଟି ମାଧ୍ୟମରେ କବିମାନଙ୍କ ଠାରୁ କବିତା ଆହ୍ୱାନ କରାଯାଇଥିଲା । ୯୪ ଜଣଙ୍କ କବିତା ମନୋନୀତ ହୋଇଥିଲା। କବିମାନେ ନିଜସ୍ୱ ଲେଖା କବିତା ପାଠ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଅଜିତ କୁମାର ମିଶ୍ର ଯୋଗ ଦେଇ କବିମାନଙ୍କ ତାଲିକା ଓ ସେମାନଙ୍କ ଫଟୋ ସଂଗ୍ରହ କରି ଏକ ରିଭ୍ୟୁଲେସନ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲାରେ ପଞ୍ଜୀକୃତ କୌଣସି ସଂଘ ନାହିଁ । ଏହା ଦ୍ୱାରା ଏକ ସଂଘ ଗଠନ ହେବା ସହ କବିଙ୍କ ଏକ ତାଲିକା ରାଜ୍ୟ ସଂସ୍କୃତି ବିଭାଗକୁ ପଠାଯିବ । ଏନେଇ ଜିଲାପାଳ ସଂସ୍କୃତି ବିଭାଗ ସଚିବ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା କହିଥିଲେ । ଏହି ଅବସରରେ କବିତା ପାଠୋତ୍ସବ କମିଟିର ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ , ସଭ୍ୟ ରାମ ପ୍ରସାଦ ପାତ୍ର, ବୁଲୁ ହୋତା, ପ୍ରାଧ୍ୟାପକ ଡଃ. ବିଜୟ କୁମାର ମିଶ୍ର, ନାରାୟଣ ପଣ୍ଡା, ଅଶୋକ ପଟ୍ଟନାୟକଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କବିତା ପାଠୋତ୍ସବରେ ଭାଗ ନେଇଥିବା କବିମାନଙ୍କୁ ପ୍ରଶାସନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । କମିଟି ପକ୍ଷରୁ ଜିଲାପାଳଙ୍କୁ ଏକ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଯୋଗ ଦେଇଥିଲେ।


କୋଲକତାର ନୃତ୍ୟ।


ଢେମସା ନୃତ୍ୟ ପରିବେଷଣ କରାଯାଉଛି।

## ସରକାରୀ ଯୋଜନା ଉପରେ ଆଲୋକପାତ



ପଲ୍ଲିଶ୍ରୀ ମେଳାରେ ସମନ୍ୱିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ(ଆଇଟିଡିଏ), ଜଳ ଓ ପରିମଳ, ମୃତ୍ତିକା ସଂରକ୍ଷଣ ତଥା ଜଳବିଭାଜୀକା,କୃଷି ଓ ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଗୁଡିକ ପ୍ରଦର୍ଶନୀ କରାଯାଇଛି । ଆଇଟିଡିଏ ପକ୍ଷରୁ ହୋଇଥିବା ପ୍ରଦର୍ଶନୀ ଷ୍ଟଲ ଅତି ସୁନ୍ଦର ଭାବେ ସଜ୍ଜା ଯାଇଥିବା ବେଳେ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଉନ୍ନୟନ ଉପରେ ସଚେତନତା ସୃଷ୍ଟି କରାଯାଇଛି ।

## ଯୁବଗୋଷ୍ଠୀଙ୍କୁ ପରିବେଶ ଚିନ୍ତା

ମଣ୍ଡେଇ ପଡିଆରେ କିଛି ଯୁବକ ନିଜ ଉଦ୍ୟମରେ ପଡିଆ ଭିତରେ ବୁଲି ଆବର୍ଜନା ଉଠାଇବା ସହ ପଲିଥିନ ବ୍ୟବହାର କରିବାକୁ ମନା କରୁଛନ୍ତି । ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ପ୍ରତି ପଡୁଥିବା କୁପ୍ରଭାବ ନେଇ ସଚେତନ କରାଉଛନ୍ତି। ଆବର୍ଜନା ଗୁଡିକ ଏଣେତେଣେ ନପକାଇ କୁଡଦାନାରେ ପକାନ୍ତୁ ବୋଲି ଦୋକାନୀମାନଙ୍କୁ କହି ଥିଲେ ।


କୃଷି ସମ୍ପର୍କିତ ଆଦିବାସୀ ନୃତ୍ୟ।

## ବଢୁଛି ଦେଖଣାହାରୀଙ୍କ ଭିଡ଼

ଚଳିତ ବର୍ଷ ମଣ୍ଡେଇ ପଡିଆ ପରିବର୍ତ୍ତନ ଦ୍ୱାରା ଦୂରତାକୁ ନେଇ ଲୋକଙ୍କ ଯେଉଁ ଧାରଣା ଥିଲା ତାହା ଫେଲ ମାରିଛି । ଏଥର ହିର୍ଲି ପଡିଆରେ ମଣ୍ଡେଇ ଲୋକ ମହୋତ୍ସବ ପାଳିତ ହେଉଛି । ପଡିଆ ବଡ ଓ ପାର୍କିଂ ପାଇଁ ସ୍ଥାନ ରହିଥିବାରୁ ଦେଖଣାହାରିଙ୍କ ଭିଡ ଜମୁଛି। ପୋଲିସର ସୁରକ୍ଷା ବ୍ୟବସ୍ଥା କଡାକଡି ରହଛି। ରାସ୍ତାର ପ୍ରତ୍ୟେକ ଛକରେ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ବସ ସ୍ଥାନୀୟ ବସଷ୍ଟାଣ୍ଡରୁ ମଣ୍ଡେଇ ପଡିଆ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଥିବାରୁ ପଡିଆ ଅଧିକ ଦୂର ହୋଇଯିବ ବୋଲି ଲୋକମାନେ ରଖିଥିବା ଧାରଣା ପରିବର୍ତ୍ତନ ହୋଇଛି । ସ୍ଥାନ ଛୋଟ ଯୋଗୁଁ ପୂର୍ବରୁ ପଲ୍ଲୀଶ୍ରୀ ମେଳା ପାଇଁ ୨ଶହ ଷ୍ଟଲ ବହୁ କଷ୍ଟରେ ହୋଇ ପାରୁ ଥିଲା । ଏଥର ପଡିଆ ବଡ ଥିବା ଯୋଗୁଁ ୩ଶହ ଷ୍ଟଲ ରହିଛି । ଫାଙ୍କା ସ୍ଥାନ ଲାଗି ଲୋକ ମାନେ ଆରାମରେ ବୁଲି ସାମଗ୍ରୀ କିଣିପାରୁଛନ୍ତି । ରାଜ୍ୟର ବିଭିନ୍ନ ଜିଲା ସମେତ ରାଜ୍ୟ ବାହାରର ହସ୍ତଶିଳ୍ପ ଓ ହସ୍ତତନ୍ତ ପଲ୍ଲୀଶ୍ରୀ ମେଳାରେ ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲାର କାଠ, ଧାନ, ଲାଖ, ଆଦିବାସୀ ଅଳଙ୍କାର, ବାଉଁଶ, ଟେରାକୋଟା ଓ ହସ୍ତତନ୍ତ ଏହି ପ୍ରଦର୍ଶନୀରେ ଅଧିକ ଆକର୍ଷୀୟ କରିଛି । ଏହା ସମେତ ରାଜ୍ୟର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପଲ୍ଲୀଶ୍ରୀ ମେଳାରେ ସ୍ଥାନ ପାଇଛି।


ସାଇରାମ କଳାକେନ୍ଦ୍ର ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଉଛି।

## କୃଷକଙ୍କ ଆର୍ଥିକ ବିକାଶକୁ ଗୁରୁତ୍ୱ

ଏଥର ପଲ୍ଲୀଶ୍ରୀ ମେଳାରେ କୃଷି ଓ ଉଦ୍ୟାନ କୃଷି ଉପରେ ଅଧିକ ସଚେତନତା ସୃଷ୍ଟି କରାଯାଇଛି । ଜିଲାରେ କୃଷକଙ୍କ ଆର୍ଥୀକ ଓ ସମାଜିକ ବିକାଶ ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି । ଜିଲା ପ୍ରଶାସନର ସହାୟତାରେ ୧୨ଟି ଷ୍ଟଲ ପ୍ରଦାନ କରାଯାଇଛି । ଭାରତର ୧୨ଟି କୃଷି ବୈଜ୍ଞାନିକ ଅନୁଷ୍ଠାନର ପରାମର୍ଶଦାତାମାନେ ଉନ୍ନତ ମାନର କୃଷି ଉପରେ ସଚେତନତା ସୃଷ୍ଟି କରିଛନ୍ତି । ନବରଙ୍ଗପୁର ଜିଲାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହା କେତେଦୂର ସଫଳତାର ପାହାଚ ଚଢିଛି ତାହା ପଲ୍ଲୀଶ୍ରୀ ମେଳାରେ ଦେଖିବାକୁ ମିଳିଛି । ବିଭିନ୍ନ ଫଳରୁ କିପରି ଖାଦ୍ୟ ଉପକରଣ ତିଆରି ହୋଇପାରିବ ତାହା ପଲ୍ଲିଶ୍ରୀ ମେଳାରେ ସ୍ଥାନ ପାଇଛି । ସେହିଭଳି ନବରଙ୍ଗପୁର ସହରର ଜିହବାରଫା, ମା' ବୁଢି ଠାକୁରାଣୀ, ଲଳିତାଦେବୀ, ଜଗନ୍ନାଥ ସ୍ୱୟ ସହାୟକ ଗୋଷ୍ଠୀଙ୍କୁ ସିଏସଆଇଆର ପକ୍ଷରୁ ପ୍ରାକୃତିକ ଉପାୟରେ ସୁଗନ୍ଧି ଧୂପକାଠି ପ୍ରସ୍ତୁତ ତାଲିମ ଦିଆଯାଇଥିଲା । ତାହା ମଣ୍ଡେଇ ପଡିଆରେ ପ୍ରସ୍ତୁତ କରିବା ସହ ବିକ୍ରୀ କରିଥିଲେ ମହିଳାମାନେ । ମନ୍ଦିରରେ ବ୍ୟବହାର ଫୁଲକୁ ସଂଗ୍ରହ କରି ସୁଖାଇ ସେଥିରେ ମଇନା ଲକଡି(କାଠ)ଗୁଣ୍ଡ ମିଶ୍ରିତ କରି ଧୂପକାଠି ତିଆରି କରୁଛନ୍ତି। ଏହା ସହିତ ତୁଳସୀ, ଲେମନଗ୍ରାସ ଓ ମଶା ମାରିବା ପାଇଁ ଧୂପକାଠି ପ୍ରସ୍ତୁତ କରୁଛନ୍ତି। ଏହା କିଭଳି ଶରୀର ପ୍ରତି ହାନିକାରକ ହେବ ନାହିଁ ତାହାର ମଧ୍ୟ ସଚେତନ କରୁଛନ୍ତି । ଲେମନ ଗ୍ରାସ, ପାମାରୋଜା ଆଦି ତୈଳର ବ୍ୟବହାର ଉପରେ ମଧ୍ୟ ପରାମର୍ଶ ଦିଆଯାଇଛି। ଏହି ପ୍ରସ୍ତୁତ ସାମଗ୍ରୀକୁ ନବରଙ୍ଗପୁର ବ୍ରାଣ୍ଡରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଥିଲା । ସିମାପର କ୍ଷେତ୍ର କର୍ମଚାରୀ ରିତା ବିର୍ଡିୟା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରସ୍ତୁତ କାର୍ଯ୍ୟରେ ସହାୟତା କରୁଛନ୍ତି । ସେହିଭଳି ଖମ୍ଭଆଳୁ, ସାରୁ, ସାକର କନ୍ଦା, କନ୍ଦମୂଳ, ମେଳକନ୍ଦା, ଗୟାଆଳୁ ଚାଷ, ଓଲୁଅ ଆଦି ଚାଷ ଦ୍ୱାରା ଚାଷୀ କିଭଳି ଅଧିକ ଲାଭବାନ ହେବ ତାହା ପ୍ରଦର୍ଶନୀ ମାଧ୍ୟମରେ ସଚେତନ କରାଯାଇଛି । ସେନେଇ କଣ ସବୁ ପଦକ୍ଷେପ ନିଆଯାଇପାରିବ ତହାର ପରାମର୍ଶ କୃଷି ବୈଜ୍ଞାନିକ ମାନଙ୍କ ଦ୍ୱରା ସଚେତନ କରାଯାଉଛି । ମିଶ୍ରିତ କୃଷି ଭାବେ ଏହି ଚାଷ ଗୁଡିକ କର଼ି ତେବେ କୌଣସି ଚାଷ କ୍ଷତି ହେଲେ ଏହି ଚାଷ ଚାଷୀଙ୍କ ଆର୍ଥୀକ କ୍ଷେତ୍ରରେ ସହାୟକ ହୋଇ ପାରିବ ବୋଲି ଆଇସିଏଆରର ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଡ. କେ. ଲକ୍ଷ୍ମୀ ନାରାୟଣ (ଏଆରଏସ) କହିଛନ୍ତି ।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ

ପାରଳାଖେମୁଣ୍ଡି,୧୪।୧୨(ସ୍ୱ.ପ୍ର): ପାରଳାଖେମୁଣ୍ଡିସ୍ଥିତ ଜିଲା କୋର୍ଟ ପରିସରରେ ଶନିବାର ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ କୁମାର ସାହୁ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ ସହ ୧୦ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ପ୍ରକାଶ ଯେ, ଆର୍. ଉଦୟଗିରି ବ୍ଲକ୍ ପଦ୍ମପୁର ଗ୍ରାମର ୧୩ ବର୍ଷିୟା ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ବାରମ୍ବାର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏଥିରେ ନାବାଳିକା ଗର୍ଭବତୀ ହୋଇଥିବା ମଧ ଜଣାପଡ଼ିଥିଲା। ଏ ନେଇ ଗଜପତି ଜିଲା ଆର୍. ଉଦୟଗିରି ଥାନା ନଂ. ୫୩/୧୭ ଅନୁଯାୟୀ ଅଭିଯୁକ୍ତ ଶିବଶଙ୍କର ମହାଙ୍କୁଡ଼ ନାମରେ ବଳାତ୍କାର ମାମଲା ରୁଜୁ ହୋଇଥିଲା। ସେହିପରି ଜି.ଆର୍. ନଂ. ୧୦/୧୭ରେ ଏହି ମାମଲା ପାରଳାଖେମୁଣ୍ଡି ଜିଲା କୋର୍ଟରେ ବିଚାରାଧୀନ ଥିଲା। ଏହାର ରାୟ ଶୁଣାଣୀ କରି ଅତିରିକ୍ତ ଜିଲା ଦୌରାଜଜ୍ ଉକ୍ତ ଦଣ୍ଡାଦେଶ ଶୁଣାଣି କରାଯାଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜିବୀ ଭି.ଏସ୍.ଏନ୍. ରାଜୁ ସୂଚନା ଦେଇଛନ୍ତି।

### ବୋଲେରୋ ଧକ୍କାରେ ଛାତ୍ରୀ ଗୁରୁତର

ଝରିଗାଁ,୧୪।୧୨(ସ୍ୱ.ପ୍ର): ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ମହଣ୍ଡି ଗ୍ରାମ ନିକଟରେ ଶନିବାର ସକାଳେ ଏକ ବୋଲେରୋ ଧକ୍କାରେ ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି। ମହଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ରୀ ପୂଜା ପନକା ସ୍କୁଲ ଛୁଟି ହେବା ପରେ ବିଦ୍ୟାଳୟରୁ ବାହାରି ଝରିଗାଁ - ଉମରକୋଟ ମୁଖ୍ୟ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ବୋଲେରୋ ( ନଂ. ସିଜି୦୪ଏଚବି୪୨୭୧) ଧକ୍କା ଦେଇ ସେଠାରୁ ଚାଲି ଯାଇଥିଲା। ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରହିଥିବା ଛାତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷକ ସାନ୍ତନୁ କୁମାର ପଟ୍ଟନାୟକ ନିଜ ବାଇକରେ ଝରିଗାଁ ମେଡିକାଲକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପୂଜାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଅଛି। ବୋଲେରୋକୁ ଗ୍ରାମର କିଛି ଯୁବକ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ମଧ ଗାଡି ଅଟକି ନଥିଲା।

### ୫୧ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ



ପାରଳାଖେମୁଣ୍ଡି,୧୪।୧୨(ସ୍ୱ.ପ୍ର.): ଗଜପତି ଜିଲା ମୋହନା ଥାନା ଅଧୀନ ଶିକୁଳିପଦର ଅଞ୍ଚଳରେ ପୋଲିସ, ଅବକାରୀ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୫୧ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ୧ଲକ୍ଷ ୨ହଜାର ଗଞ୍ଜେଇ ଗଛ ପୋଡ଼ି ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଏହାର ମୂଲ୍ୟ ପ୍ରାୟ ୧୦.୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି ।

■ କାଶୀନଗରର କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ

# ଚତୁର୍ଥ ଶ୍ରେଣୀ କର୍ମଚାରୀ ସର୍ବେସର୍ବା

କାଶୀନଗର,୧୪।୧୨(ଡି.ଏନ.ଏ.)

କାଶୀନଗର କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ଜଣେ ସହକାରୀ ଯନ୍ତ୍ରୀ ଓ ଜଣେ ଅନୁଜ ଯନ୍ତ୍ରୀ କାର୍ଯ୍ୟରତ ଅଛନ୍ତି। ହେଲେ ଅଧିକାଂଶ ସମୟରେ ଦୁଇ ଅଧିକାରୀ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଛି। କୃଷକମାନେ ବିଭିନ୍ନ କାର୍ଯ୍ୟ ପାଇଁ କାର୍ଯ୍ୟାଳୟକୁ ଯିବା ସମୟରେ କେବଳ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ହିଁ ଉପସ୍ଥିତ ରହୁଥିବା କାଶୀନଗର ରଇତ ସଂଘର କର୍ମକର୍ତ୍ତା ଜଣାଇଛନ୍ତି। ସଂଘ କୋଷାଧ୍ୟକ୍ଷ ବସନ୍ତ କୁମାର ଦାମୋଦର କହିଛନ୍ତି, ଗତବର୍ଷ ରବି ବର୍ମା ନାଳର ପାଣି କୂଳ ଲଂଘି ଚାଷଜମିରେ ପଶୁଥିବାବେଳେ ବିଭାଗ ତରଫରୁ ବାଲିବସ୍ତା ପକାଯାଇ ମଜଦୁର୍‌ମାନଙ୍କ ସହାୟତାରେ ଏକ ଅସ୍ଥାୟୀ ବନ୍ଧ ନିର୍ମାଣ କରିବାକୁ କୁହାଯାଇଥିଲା । ପରବର୍ତ୍ତୀ ସମୟରେ ଖର୍ଚ୍ଚ ହୋଇଥିବା ସବୁ ଟଙ୍କା ଦିଆଯିବ ବୋଲି ମଧ ସଂପୃକ୍ତ ଅନୁଜ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତିମଧରେ ବର୍ଷାଧିକ ସମୟ ବିତିଯାଇଥିଲେ ମଧ ତାଙ୍କୁ କୌଣସି ଅର୍ଥ ମିଳିନାହିଁ। ଏଥିପାଇଁ ସେ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ତେଣୁ ତାଙ୍କୁ ମିଳିବାକୁ ଥିବା ଅର୍ଥ ତୋସରପାତ କରାଯାଇଥିବା ନେଇ ସେ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ଦୁଇ ଯନ୍ତ୍ରୀଙ୍କ ଅନୁପସ୍ଥିତି ଅଭିଯୋଗ ନେଇ ଅନୁସନ୍ଧାନ କରିବାପରେ ତାହା ସତ୍ୟ ବୋଲି ଜଣାପଡ଼ିଛି। ତେବେ କେବଳ କୃଷକମାନେ ନୁହନ୍ତି କାର୍ଯ୍ୟାଳୟ ନିକଟରେ ଥିବା ଜନସାଧାରଣ ମଧ ଦୁଇ ଅଧିକାରୀ ଅନେକ ସମୟରେ ଅନୁପସ୍ଥିତ ରହୁଥିବା କହିଛନ୍ତି। କେବଳ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ହିଁ କାର୍ଯ୍ୟାଳୟରେ ବସୁଥିବାବେଳେ ବାବୁ ଫିଲ୍‌ଡକୁ ଯାଇଛନ୍ତି କହି ଲୋକଙ୍କୁ ଫେରାଇ ଦେଉଥିବା ଶୁଣିବାକୁ ମିଳିଛି। ଅନ୍ୟପକ୍ଷରେ ରବି ବର୍ମା ନାଳ ଜାମ୍ ହୋଇ ରହିଥିବା ଯୋଗୁ ଗତ ଲଗାଣବର୍ଷାରେ ଅନେକ ଚାଷୀଙ୍କ ଧାନ ଫସଲ ଉଜୁଡ଼ଯାଇଛି। ଏ ନେଇ ରଇତ ସଂଘର ଉପସଭାପତି ୱାଇ. ଧନଞ୍ଜୟଙ୍କ କହିବା ଅନୁଯାୟୀ, ରବି ବର୍ମା ନାଳ ଜାମ୍ ଯୋଗୁ ବର୍ଷା ପାଣି କୂଳ ଲଂଘି ଚାରି ଏକର ଜମିରେ ଧାନ ଫସଲ ନଷ୍ଟ ହୋଇଛି। ଏପର୍ଯ୍ୟନ୍ତ ତାଙ୍କୁ ବୀମା ଅର୍ଥ କିମ୍ବା କ୍ଷତିପୂରଣ ମିଳିନାହିଁ। ଫଳରେ ସେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସଂଘ ସଭାପତି ପ୍ରଶାନ୍ତ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ଏସ. ତାତେୟା କହିଛନ୍ତି ଯେ, କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ଓ କ୍ଷୟକ୍ଷତିର ପରିମାଣ ସମ୍ପର୍କରେ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ରବି ବର୍ମା ନାଳ ସଫା କରିବା ଜରୁରୀ। ମାତ୍ର ସ୍ଥାନୀୟ କ୍ଷୁଦ୍ର ଜଳସେଚନ ବିଭାଗର ଏଥିପ୍ରତି ଗୁରୁତ୍ୱ ନ ଥିବା ଜଣାପଡ଼ିଛି। ଖୁବଶୀଘ୍ର ନାଳ ସଫା ପାଇଁ ପଦକ୍ଷେପ ନେବା ସହ ଗାର୍ଡୱାଲ ନିର୍ମାଣ କରିବାପାଇଁ ଦାବି ହୋଇଛି। ସରକାର ଓ ପ୍ରଶାସନକୁ ଖାତିର୍ ନ କରି ଏଠାରେ ବିଭାଗୀୟ କାର୍ଯ୍ୟାଳୟ ଚାଲିଥିବା କେତେକ ଚାଷୀ ଏବଂ ଜନସାଧାରଣ କହିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥଲେ ମଧ ସମ୍ଭବ ହୋଇପାରିନାହିଁ।

## ରାଷ୍ଟ୍ରୀୟ ଲୋକ ଅଦାଲତ



ପ୍ରାଧିକରଣ ଅଧକ୍ଷ ବିଶ୍ୱଜିତ୍ ଦାସଙ୍କ ଅଧକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।

ପାରଳାଖେମୁଣ୍ଡି,୧୪।୧୨(ସ୍ୱ.ପ୍ର)

ଗଜପତି ଜିଲାର ବିଭିନ୍ନ ଅଦାଲତରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ବିଶ୍ୱଜିତ ଦାସ ଏହାର ଉଦ୍‌ଘାଟନ କରିବା ସହ ବିଭିନ୍ନ କୋର୍ଟରେ ତତ୍ତ୍ୱାବଧାନ କରିଥିଲେ। ଆଇନସେବା ପ୍ରାଧିକରଣର ସମ୍ପାଦିକା ଦୀପା ଦାସଙ୍କ ଦ୍ୱାରା ପରିଚାଳିତ ଏହି ଲୋକ ଅଦାଲତକୁ ପ୍ରାଧିକରଣ ପକ୍ଷରୁ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରାଯାଇଥିଲା। ସେହିପରି ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ କୁମାର ସାହୁ, ସିଜିଏମ୍ ଏମ୍. ଈଶ୍ୱର ରାଓ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ଶୁଭଶ୍ରୀ ପ୍ରଧାନ, ସବ୍‌ଜଜ୍ ବ୍ୟୋମକେଶ ନାୟକ, ଏସ୍‌ଡିଜେଏମ୍ ଚନ୍ଦ୍ରହାସ ବେହେରାଙ୍କ ସମେତ ଅନ୍ୟ ବିଚାର ବିଭାଗୀୟ ଅଧିକାରୀ ନିଜ ନିଜ କୋର୍ଟରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଜିଲାଜଜ୍‌ଙ୍କ କୋର୍ଟରେ ମୋଟରଜନିତ ଦୁର୍ଘଟଣା ମାମଲାର ବିଚାର କରାଯାଇ ୯ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ପାଇଁ ଶୁଣାଣି କରାଯାଇଛି। ସେହିପରି ମୋହନା, ଆର୍. ଉଦୟଗିରି, କାଶୀନଗରସ୍ଥିତ ଥିବା କୋର୍ଟରେ ମଧ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଜାତୀୟ ବ୍ୟାଙ୍କ୍ ଯୋଗଦେଇ ବ୍ୟାଙ୍କ୍ ସମ୍ବନ୍ଧୀୟ ମାମଲାର ସମାଧାନ କରିଥିଲେ। ଲୋକ ଅଦାଲତରେ ମୋଟ ୭୬୯ ମାମଲା ମଧ୍ୟରୁ ୮୭ଟିର ସମାଧାନ କରାଯାଇ ୨୨ଲକ୍ଷ ୯୦ହଜାର ୧୮୮ଟଙ୍କା ଆଦାୟ କରାଯାଇଥିବା ଜଣାପଡ଼ିଛି।

■ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ




ଦୁର୍ଘଟଣା ପରେ ଅଞ୍ଚଳବାସୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ପାରଳାଖେମୁଣ୍ଡି,୧୪।୧୨(ସ୍ୱ.ପ୍ର)

ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ମହେନ୍ଦ୍ରଗଡ଼ ପଞ୍ଚାୟତ ଅଧୀନ ରଣାଲଇ ଗ୍ରାମ ନିକଟରେ ଶନିବାର ସକାଳେ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ, ଏକ ଅଟୋ(ଓଡି୦୭ଏ–୭୪୩୪) ସ୍କୁଲ ଛାତ୍ର ମାନଙ୍କୁ ନେଇ ତଲଡ଼ା ଗ୍ରାମ ନିକଟସ୍ଥ ଲୋମ୍ ପବ୍ଲିକ ସ୍କୁଲକୁ ଯାଉଥିବାବେଳେ ରଣାଲଇ ଗ୍ରାମ ନିକଟରେ ଏକ ଟ୍ରାକ୍ଟର (ଓଆର୍୨୦ ୧୯୧୩) ଅଟୋକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଅଟୋଟି ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଥିଲା। ଯଦ୍ୱାରା ଛାତ୍ରୀଛାତ୍ରମାନେ ଆହତ ହୋଇଥିଲେ। ଅଞ୍ଚଳବାସୀଙ୍କ ସହାୟତାରେ ଆହତମାନଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ହେଲେ ସେମାନଙ୍କ ମଧ୍ୟରୁ ରଣାଲଇ ଗ୍ରାମର ଲୁବୁନ କରାଡ଼(୮)ଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଯୋଗୁ ଟ୍ରାକ୍ଟର ମଧ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଅନ୍ୟପକ୍ଷରେ ଛାତ୍ରଙ୍କ ମୃତ୍ୟୁକୁ ନେଇ ଅଞ୍ଚଳବାସୀ କ୍ଷତିପୂରଣ ଦାବି କରି ମୋହନା–ପାରଳାଖେମୁଣ୍ଡି ଜାତୀୟ ରାଜପଥ ୩୨୬ ଏ କୁ ଦୀର୍ଘ ଦୁଇଘଣ୍ଟା ଧରି ଅବରୋଧ କରିଥିଲେ। ଘଟଣାସ୍ଥଳରେ ଆର୍. ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଏବଂ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ପହଞ୍ଚି ମୃତକଙ୍କ ପାଇଁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ସହାୟତା ରାଶି ଘଷୋଣା କରିବାପରେ ରାସ୍ତା ଅବରୋଧ ହଟିଥିଲା।

### ମକା ସହ ହଜିଥିବା ଟ୍ରକ ମିଳିଲା, ଡ୍ରାଇଭର ମୃତ

ଉମରକୋଟ,୧୪।୧୨(ଡି.ଏନ.ଏ)

ଉମରକୋଟରୁ ମକା ବୋଝେଇ କରି ଟ୍ରକ ବାହାରିଲା। କିନ୍ତୁ ପହଞ୍ଚିଲାନି ଗନ୍ତବ୍ୟସ୍ଥଳରେ । ଚାଳକ ସହ ହଜିଯାଇଥିଲା ଟ୍ରକ। ଏ ନେଇ ମକା ବ୍ୟବସାୟୀ ଉମରକୋଟ ଥାନାରେ ଏତଲା ଦେଇଥିଲେ। କିନ୍ତୁ ଟ୍ରକଟି ଆମ୍ବପାଣି ଘାଟିରେ ଦୁର୍ଘଟଣା ଘଟି ୧୦ ଦିନ ହେଲା ଘାଟି ତଳେ ପଡିଥିଲା। ଦୁର୍ଘଟଣାରେ ଡ୍ରାଇଭର ହେମନ୍ତ ଭକ୍ତଙ୍କ ମୃତ୍ୟୁ ଘଟିଥିଲା। କୋକସାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ସହ ମୃତ ଡ୍ରାଇଭରଙ୍କ ମୃତେଦହ ଜବତ କରିଛି। ଗତ ୫ ତାରିଖରେ ୨୪ ଟନ ମକା ଏକ ଟ୍ରକ (ଓଆର୦୪ଡବ୍ଲୁ୨୨୪୫)ରେ ବୋଝେଇ ହୋଇଥିଲା। ଏହାକୁ ମକା ବ୍ୟବସାୟୀ ଉମରକୋଟ ଅଞ୍ଚଳର ବିନୋଦ ଅଗ୍ରୱାଲଙ୍କ କଟକର ପଶୁପତି ସିଡ୍ସ ନାମକ ଏକ ମକା କମ୍ପାନକୁ ପଠାଇଥିଲେ। ଡ୍ରାଇଭର ଗାଡି ଧରି ଆସିଥିଲେ ମଧ ସେଠାରେ ପହଞ୍ଚି ନ ଥିଲା। ଏ ସମ୍ପର୍କରେ ବିନୋଦ ଉମରକୋଟ ଥାନାରେ ଟ୍ରକ ସହ ମକା ଗାୟବ ନେଇ ମାମଲା ଦାୟର କରିଥିଲେ। ତେବେ ଟ୍ରକଟି ୧୦ ଦିନ ପରେ ଆମ୍ବପାଣି ଘାଟି ତଳୁ ଉଦ୍ଧାର କରାଯାଇଛି।

## ଶକ୍ତି ସଂରକ୍ଷଣ ଦିବସ ପାଳିତ

ପାରଳାଖେମୁଣ୍ଡି,୧୪।୧୨(ସ୍ୱ.ପ୍ର)

ପାରଳାଖେମୁଣ୍ଡିସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍କୁଲ ଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃଷକେତୁ ଦାସ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଶକ୍ତି ସଂରକ୍ଷଣର ଆବଶ୍ୟକତା ଏବଂ ଅଯଥା ଶକ୍ତି ଅପଚୟ ନ କରିବା ପାଇଁ ସଚେତନ କରାଯାଇଥିଲା। ସେହିପରି ଆୟୋଜିତ ସଚେତନତା ସଭାରେ ଶକ୍ତି ସଂରକ୍ଷଣ ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଛାତ୍ରମାନଙ୍କୁ ବୁଝାଇବା ସହ ପ୍ରାକୃତିକ ଶକ୍ତି ସଂରକ୍ଷର ପାଇଁ ସଚେତନ କରାଯାଇଥିଲା। ଶକ୍ତି ସଂରକ୍ଷଣ ହୋଇପାରିଲେ ପରିବେଶର ସଂରକ୍ଷଣ ହେବା ସହ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ତେଣୁ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ ସଚେତନ କରିବାପାଇଁ ସଭାରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ଶ୍ରୀରାମ ମହାନ୍ତି, ହରିହର ଦାସ, ସି.ଏଚ୍.ଭି. ରାଓ, ମିନାକ୍ଷୀ ପାଢୀ, ୱାଇ. ଧର୍ମା ରାଓ, ବି. ବୃନ୍ଦାବନ ରାଓ, ବସନ୍ତ ଦାସଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।




ସଚେତନତା ଶୋଭଯାତ୍ରାର ଶୁଭାରମ୍ଭ କରାଯାଉଛି।

## ଅଟୋ–ଟ୍ରାକ୍ଟର ଧକ୍କା, ଛାତ୍ର ମୃତ

ଆର.ଉଦୟଗିରି/ଚନ୍ଦ୍ରଗିରି, ୧୪।୧୨(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା ରାମପୁର ଗ୍ରାମ ନିକଟରେ ଶନିବାର ଏକ ସ୍କୁଲ ଅଟୋକୁ ଟ୍ରାକ୍ଟର ଧକ୍କା ଦେବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଣାଇଲ ଗ୍ରାମର ନାହୁମ କରାଡ଼ (୧୦)। ଆର.ଉଦୟଗିରି ପୋଲିସେ ନଂ. ୧୩୬/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଉକ୍ତ ଥାନା ରଣାଲଇ ଗ୍ରାମରୁ ୯ ଜଣ ସ୍କୁଲ ଛାତ୍ରଙ୍କୁ ନେଇ ଅଟୋ ଛେଲିଗଡ଼ ଗ୍ରାମର ଘରୋଇ ସ୍କୁଲକୁ ଯାଉଥିଲା। ଏହି ସମୟରେ ପଛରେ ଥିବା ଏକ ଟ୍ରାକ୍ଟର ରାମପୁର ଗ୍ରାମ ପାଖରେ ଓଭରଟେକ୍ କରୁଥିବା ବେଳେ ଅଟୋକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ନାହୁମ ଏବଂ ଆହତ ଅବନୀ ବର୍ଦ୍ଧନ, ଗୋଡ଼ିବିଜି ବର୍ଦ୍ଧନ ଓ ଟ୍ରାକ୍ଟର ଡ୍ରାଇଭର ପାଉଲ ପାଣି ପ୍ରମୁଖଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାହୁମଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ କ୍ଷତିପୂରଣ ଦାବିରେ ପରିବାର ଏବଂ ଗ୍ରାମବାସୀ ମକାପଦା ଛକଠାରେ ଟାୟାର ଜାଳି ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ରାସ୍ତା ଅବରୋଧ ହଟିଥିଲା ।

## କୁନ୍ଧୁଲି ମାମଲାରେ ଏସ୍‌ଆଇଟିର ୨ୟ ପର୍ଯ୍ୟାୟ ତଦନ୍ତ

ସମିଲିଗୁଡ଼ା,୧୪।୧୨(ସ୍ୱ.ପ୍ର.)

କୁନ୍ଧୁଲି ଗଣବଳାତ୍କାର ଓ ପରେ ପୀଡ଼ିତାଙ୍କ ଆତ୍ମହତ୍ୟା ମାମଲାର ଅନୁସନ୍ଧାନ ପାଇଁ ନୂତନ ଭାବେ ଗଠିତ ଏସ୍‌ଆଇଟି ଟିମ୍‌ର ଦ୍ୱିତୀୟ ବୈଠକ କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ ଓ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ କେ.ଙ୍କ ମିଳିତ ବୈଠକ ପରେ ଶନିବାର ଏସ୍‌ଆଇଟି ଟିମ ପୀଡ଼ିତାଙ୍କ ଗାଁ ମୂଷାଗୁଡ଼ାରେ ପହଞ୍ଚି ଗ୍ରାମବାସୀ ଓ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛି। କିଛିଦିନ ତଳେ ଏସ୍‌ଆଇଟି ଟିମ୍ ପୀଡ଼ିତାଙ୍କ ମା’, ସଂପର୍କୀୟ ଭାଇ ଓ ପିଉସୀଙ୍କୁ ତଦନ୍ତରେ ସାମିଲ କରିଥିଲା। ଶନିବାର ପୀଡ଼ିତାଙ୍କ ପୁରୁଷ ବନ୍ଧୁ କୁହାଯାଉଥିବା ପପୁନଙ୍କୁ ଏସ୍‌ଆଇଟି ଟିମ୍ ଡାକି ପଚରାଉଚରା କରିଥିଲା। ପପୁନ ଗଣମାଧମ ଆଗରେ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହ ଖାଲିରେ ବାରମ୍ବାର ତାଙ୍କୁ ପୋଲିସ ହଇରାଣ କରୁଛି ବୋଲି କହିଛନ୍ତି।

■ ଜବାପଦର ହତ୍ୟାକାଣ୍ଡର ପର୍ଦ୍ଦାଫାଶ କଲା କୁନ୍ଦୁରା ପୋଲିସ

# ୮ ମାସ ପରେ ଧରାପଡ଼ିଲେ ୪ ଅଭିଯୁକ୍ତ

କୁନ୍ଦୁରା,୧୪।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କେରିମିଟି ପଞ୍ଚାୟତ ଜବାପଦର ଗ୍ରାମର ବୁଢ଼ୀ ଠାକୁରାଣୀ ଯାତ୍ରା ଦିନ ଗଙ୍ଗାଧର ସାନ୍ତାଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି କୁନ୍ଦୁରା ପୋଲିସ। ଗତ ଏପ୍ରିଲ ୧୩ରେ ସଂଘଟିତ ହୋଇଥିବା ଏହି ଘଟଣାର ୮ ମାସ ପରେ ଧରାପଡ଼ିଛନ୍ତି ୪ ଜଣ ଅଭିଯୁକ୍ତ। ଅଭିଯୁକ୍ତମାନେ ହେଲେ କେରିମିଟିର ସୁକଦେବ ନାୟକ, ପୁଷ୍ପ ଦୁରୁଆ, ଧନୁର୍ଯ୍ୟାୟ ପୂଜାରୀ ଓ ଡୁଡୁମାଗୁଡ଼ା ଗ୍ରାମର ସୁନାଧର ସାନ୍ତା। ପୋଲିସ ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଝିଅମାନଙ୍କୁ ଅସଦାଚରଣ ଘଟଣାରୁ ୪ ଜଣ ଅଭିଯୁକ୍ତ ଗଙ୍ଗାଧରଙ୍କୁ ମୁଣ୍ଡକୁ ଟ୍ରାକ୍ଟରରେ ପିଟିପିଟି ଅଚେତ୍ କରିବା ସହ ବିଲକୁ ଫିଙ୍ଗିଦେଇଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ଖୁଲାସା କରିଛି।

ସୂଚନା ମୁତାବକ, ଗଙ୍ଗାଧର ସାନ୍ତା ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ୍‌ଠାରେ ପରିବାର ସହ ରହି ଏକ ଇଟାଭାଟିରେ କାର୍ଯ୍ୟ କରୁଥିଲେ । ୨୦୧୯ ସାଧାରଣ ନିର୍ବାଚନର ସେ କିଛି ଦିନ ପୂର୍ବରୁ ନିଜ ଗାଁ ପାଣ୍ଡିରିମାଟିକୁ ଆସିଥିଲେ। ସେହି ସମୟରେ କେରିମିଟି ପଞ୍ଚାୟତ ଜବାପଦର ଗ୍ରାମରେ ହେଉଥିବା ବୁଢ଼ୀ ଠାକୁରାଣୀ ଯାତ୍ରା ଦେଖିବା ପାଇଁ ସାଙ୍ଗସାଥୀଙ୍କ ସହ ବାହାରିଥିଲେ ଗଙ୍ଗାଧର। କେରିମିଟିରୁ ଗୁଲୁମି ରାସ୍ତା ନିର୍ମାଣ ପାଇଁ ଠିକାରେ ଲାଗିଥିବା ବାଣ୍ଡୁଆଗୁଡ଼ା ପଞ୍ଚାୟତ ଦିସାରିଗୁଡ଼ା ଗ୍ରାମର ନରେନ୍ଦ୍ର ଗୌଡ଼ଙ୍କ ନମ୍ବରବିହୀନ ଟ୍ରାକ୍ଟରରେ ସେମାନେ ଯାତ୍ରା ଦେଖିବାକୁ ଯାଇଥିଲେ। ଟ୍ରାକ୍ଟରରେ ୨୦ରୁ ୨୫ ଜଣ ଝିଅ ପୁଅ ରହିଥିବା ବେଳେ କେତେକ ନିଶା ସେବନ କରିଥିଲେ। ନିଶାଶକ୍ତ ଅବସ୍ଥାରେ ଗଙ୍ଗାଧର ଝିଅମାନଙ୍କୁ ଅସଦାଚରଣ କରିବାରୁ ଟ୍ରାକ୍ଟର ଉପରେ ବାକ୍‌ବିତଣ୍ଡା ହୋଇଥିଲା। ଯାତ୍ରା ଦେଖିବା ପାଇଁ ବିଦାପଦର ଗ୍ରାମ ନିକଟରେ ସମସ୍ତେ ପହଞ୍ଚିବା ପରେ ଝିଅମାନେ ଗାଡ଼ିରୁ ଓହ୍ଲାଇ ତାଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ଏଥିରେ ଶୁକଦେବ, ପୁଷ୍ପ, ଧନୁର୍ଜୟ, ସୁନାଧର ଟ୍ରାକ୍ଟର ଡାଲାରେ ଗଙ୍ଗାଧରଙ୍କ ମୁଣ୍ଡକୁ ବାରମ୍ବାର ପିଟି ରକ୍ତାକ୍ତ କରିଥିଲେ। ସେ ଅଚେତ୍ ହୋଇଯିବା ଦେଖି ଉପରୋକ୍ତ ୪ ଜଣ ଟ୍ରାକ୍ଟର ଡ୍ରାଇଭର କାହ୍ନୁ ପେଣ୍ଡିଆଙ୍କୁ ଡାକିଥିଲେ। ସେ ଏଥିରେ ରାଜି ନ ହେବାରୁ ତାଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ତେଣୁ ସେ ବାଧହୋଇ ଗାଡ଼ି ବାହାର କରିବା ପରେ ଅଭିଯୁକ୍ତମାନେ ସେଥିରେ ଗଙ୍ଗାଧରଙ୍କୁ ନେଇ ଏକ ଜମି ଭିତରକୁ ଆହତ ଅବସ୍ଥାରେ ଫିଙ୍ଗିଦେଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ପରେ ବ୍ରହ୍ମପୁର ଏମ୍‌କେସିଜି ନେବା ପାଇଁ ଡାକ୍ତର କହିଥିବା ବେଳେ ଆର୍ଥିକ ପରିସ୍ଥିତି ଠିକ୍ ନ ଥିବା ଯୋଗୁ ତାଙ୍କୁ ଘରକୁ ଅଣାଯିବା ବେଳେ ମୃତ୍ୟୁ ହୋଇଥିଲା । ପରିବାର ଲୋକେ କୁନ୍ଦୁରା ଥାନାରେ ଏତଲା ଦେଇଥିଲେ। ଏହାକୁ ଆଧାର କରି ଜୟପୁର ଏସ୍‌ଡିପିଓ ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ କୁନ୍ଦୁରା ନୂତନ ଥାନାଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ତଦନ୍ତ ଆରମ୍ଭ କରିଥିଲେ। ଟ୍ରାକ୍ଟର ଡ୍ରାଇଭରଙ୍କୁ ପଚରାଉଚୁରା କରିବା ବେଳେ ସେ ସବୁକଥା ବୟନ କରିବା ପରେ ପୋଲିସ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା।



ଗିରଫ ୪ ଅଭିଯୁକ୍ତ ।

## ଶିକ୍ଷକ ନିଯୁକ୍ତି ଦାବିରେ ରାସ୍ତା ଅବରୋଧ

ଉମରକୋଟ, ୧୪।୧୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ଉମରକୋଟସହରସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶିକ୍ଷକ ନିଯୁକ୍ତି ଦାବି କରି ଶନିବାର ରାସ୍ତା ଅବରୋଧ କରିଥିଲେ। ଏକ ସପ୍ତାହ ମଧରେ ସମସ୍ୟା ସମାଧାନ କରାଯିବ ବୋଲି ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଉମରକୋଟ ସହରସ୍ଥିତ ଆଦର୍ଶ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ଦାବିରେ ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇଥିଲେ । ଆବଶ୍ୟକ ପରିମାଣରେ ଶିକ୍ଷକ ନଥିଲେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ବିକାଶ କିପରି ହେବ ବୋଲି ପ୍ରଶ୍ନ କରିଥିଲେ। ଖବର ପାଇ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିଥିଲେ। ଗୋଟିଏ ସପ୍ତାହ ମଧରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ।




ଛାତ୍ରୀଛାତ୍ରମାନେ ରାସ୍ତାରୋକୋ କରୁଛନ୍ତି।

## ରେଲୱେ ଟିକେଟ କାଉଣ୍ଟରରେ ଚଢ଼ାଉ

ଭଞ୍ଜନଗର,୧୪।୧୨(ଡି.ଏନ.ଏ)– ଭଞ୍ଜନଗର ସହରର କିଛି ଡିଟିପି ସେଣ୍ଟରରେ ବେନିୟମ ଭାବେ ଅନ୍‌ଲାଇନ୍ ମାଧ୍ୟମରେ ଟ୍ରେନ ଟିକେଟ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା । ଏହାକୁ ଭିତ୍ତିକରି ବିଜୟୱାଡ଼ା ଓ ବ୍ରହ୍ମପୁର ରେଲ୍‌ୱେ ପୋଲିସ ଶନିବାର ଟ୍ରେନ୍ ଟିକେଟ କଟା ହେଉଥିବା ଭଞ୍ଜନଗର ସହରର ଏକ ଡିଟିପି ସେଣ୍ଟରରେ ଚଢ଼ାଉ କରିଛି । ଖବର ଲେଖା ହେବା ବେଳକୁ ଚଢ଼ାଉ ଜାରି ରହିଥିଲା ।







# ଯୁବକଙ୍କୁ ହତ୍ୟା ଘଟଣାରେ ୨ ଗିରଫ

ପାପଡାହାଣ୍ଡି,୧୪।୧୨(ଡି.ଏନ.ଏ) ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଆମପାଣି ଘାଟିରେ ଗତ ୯ ତାରିଖରେ ଘଟିଥିବା ରାମ ଭତରା ହତ୍ୟା ଘଟଣାର ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଡାବୁଗାଁ ଥାନା କାରାଗାଁର ଅମରସିଂ ହରିଜନ (୨୬) ଓ ପ୍ରିତମ ଗୌଡ଼ (୨୦) । ଘଟଣା ପରେ ଶୁକ୍ରବାର ଅମରସିଂ ଛତିଶଗଡ ଦେଇ ପଳାଇ ଯାଉଥିବା ବେଳେ ଓ ପ୍ରିତମ ନିଜ ଗ୍ରାମରେ ଥିବା ବେଳେ ପୋଲିସ ସୂଚନା ପାଇ ଗିରଫ କରିଥିଲା । ଆଇଆଇସି ଶୁଭେନ୍ଦୁ ଶବର ସୂଚନା ଦେଇଛନ୍ତି ଯେ ଝାଡ଼କୁଶମି ଗ୍ରାମର ରାମ ଭତରା ସହ



ଗିରଫ ୨ ଅଭିଯୁକ୍ତଙ୍କ ସହ ପୋଲିସ କର୍ମଚାରୀ ।

ଡାବୁଗାଁ ଥାନା କମାବନ୍ଧ ଗ୍ରାମର ଜନୈକ ଯୁବତୀ ସହ ବିବାହ ଠିକ ହୋଇଥିଲା । ରାମ ସହ ଯୁବତୀ ଗୋଟିଏ ଶ୍ରେଣୀରେ ପୂର୍ବରୁ ପଢୁଥିଲେ । ତେବେ କାରାଗାଁ ର ଅମରସିଂ ଗତ ତିନି ବର୍ଷ ହେଲା ଯୁବତୀଙ୍କୁ ଭଲ ପାଉଥିଲେ । ଯୁବତୀଙ୍କ ଲାଗି ରାମ ଘର ତରଫରୁ ଗତ ୪ ତାରିଖରେ ବିବାହ ପ୍ରସ୍ତାବ ଯାଇଥିଲା । ଉକ୍ତ ଘଟଣାକୁ ନେଇ ଅମରସିଂ ଗତ ୯ ତାରିଖରେ ପ୍ରିତମ ସହ ଝାଡ଼ କୁଶମି ଗ୍ରାମକୁ ଏକ ବାଇକରେ ଯାଇ ରାମକୁ ଘରୁ ଡାକି ଆଣିଥିଲେ । ଆମପାଣି ଘାଟିରେ ମିଶିକି ସମସ୍ତେ ମଦ୍ୟପାନ କରିଥିଲେ । ନିଶାସକ୍ତ ଅବସ୍ଥାରେ ରାମକୁ ଏକ ଧାରୁଆ ଅସ୍ତ୍ରରେ ବେକକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ଏସଡିପିଓ ବି କେ ନାୟକ, ଆଇଆଇସି ଶୁଭେନ୍ଦୁ ଶବର, ସବଇନ୍ସପେକ୍ଟର ପଞ୍ଚାନନ ପରିଡା, ଏଏସଆଇ ଏଚ ମାଝୀ ପ୍ରମୁଖଙ୍କ ଚଡାଉ କରି ଅଭିଯୁକ୍ତ ମାନଙ୍କୁ ଧରିଥିଲେ । କେସ ନଂ ୧୬୪/୧୯ ରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶୁଭେନ୍ଦୁ ଶବର କହିଛନ୍ତି ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମୁନିଗୁଡା, ୧୪।୧୨ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ମୁନିଗୁଡାଠାରେ ଥିବା ଏସ୍ଏନ୍ ଦୁବେ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷକ ଟି. ମାଲେଶ୍ୱର ରାଓ, ଦେବେନ୍ଦ୍ର ନାଥ ବାରିକ, ସନାତନ ପାଣିଗ୍ରାହୀ ଓ ତ୍ରିନାଥ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ଶିକ୍ଷକ ଲକ୍ଷ୍ମଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଅଞ୍ଜନ ନାୟକ ପ୍ରାରମ୍ଭିକ ବନ୍ଦନା ଗାନ କରିଥିଲେ। ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର ବେହେରା, ପ୍ରମୋଦ ସାମନ୍ତରା, ସୁବାସ ଖୁରା, ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ପଣ୍ଡା, ଉପସଭାନେତ୍ରୀ ପ୍ରତିମା ବାରିକ ଶିକ୍ଷକମାନଙ୍କ କର୍ତ୍ତବ୍ୟ, ନିଷ୍ଠା, ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଉପରେ କହିଥିଲେ। ଶିକ୍ଷୟିତ୍ରୀ ମମତା ପରିଡା, ଲିଲି ପାତ୍ର, ମଞ୍ଜୁବାଳା ଦେଇ, ଅଞ୍ଜଳି ଦୋରା, ଡଲିଦେଇ, ସୁମତୀ ଜେନା, ପ୍ରବୀର କୁମାର ଲିମା, ଚିତ୍ତରଞ୍ଜନ ମିଶ୍ର, ସୀମାଞ୍ଚଳ ନେମାଲପୁରୀଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷକ ହରିହର ଯାଦବ ଧନ୍ୟବାଦ ଦେଇଥିଲେ ।

### କ୍ୟାରିୟର କାଉନ୍ସେଲିଂ କାର୍ଯ୍ୟକ୍ରମ

**ବିଷମକଟକ, ୧୪।୧୨:** ବିଷମକଟକ ବ୍ଲକସ୍ଥିତ ମା' ମାର୍କମା ମହାବିଦ୍ୟାଳୟରେ କ୍ୟାରିୟର କାଉନ୍ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ୱାରଡ୍ ବ୍ୟାଙ୍କ ତରଫରୁ ୧୧୦ ପିଲାଙ୍କୁ ନେଇ କରାଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ବି.ରବିଶଙ୍କର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କମର୍ସ ଯୋଜନାର କାଉନ୍ସିଲର ଶିବପ୍ରସାଦ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିବ ପ୍ରସାଦ ସାହୁ ପ୍ରୋଜେକ୍ଟର ମାଧ୍ୟମରେ ଛାତ୍ରୀଛାତ୍ରମାନେ ସେମାନଙ୍କର ମହାବିଦ୍ୟାଳୟର ଶିକ୍ଷା ସରିବା ପରେ ସରକାରୀ ଚାକିରୀ କୁ କିପରି ଅପେକ୍ଷା ନ କରି ବିଭିନ୍ନ ଉପାୟରେ ରୋଜଗାର କ୍ଷମ ହେବେ, ସେ ସମ୍ପର୍କରେ ଅବଗତ କରାଇଥିଲେ। ଶେଷର ଡେପୁଟି କୋଅର୍ଡିନେଟର ଦିପ୍ତିରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

### ଓଆର୍ଏସ୍ ଅଧିକାରୀଙ୍କୁ ବଦଳି

**ଗୁଣପୁର, ୧୪।୧୨ (ଡି.ଏନ.ଏ):** ରାଜ୍ୟ ସରକାର ଓଆର୍ଏସ୍ ଅଧିକାରୀଙ୍କୁ ଶୁକ୍ରବାର ବଦଳି କରିଛନ୍ତି । ଏହି କ୍ରମରେ ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସହକାରୀ ଜିଲାପାଳ ପୁଷ୍ପାଞ୍ଜଳି ଚୌଧୁରୀଙ୍କୁ ବଦଳି କରାଯାଇଛି । ତାଙ୍କୁ ରାୟଗଡା ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ସହକାରୀ ଜିଲାପାଳ ଭାବେ ବଦଳି କରାଯାଇଛି । ସେହିପରି କୋରାପୁଟ ଜିଲାର ସେମିଳିଗୁଡାର ଅତିରିକ୍ତ ତହସିଲଦାର ଲକ୍ଷ୍ମୀନାରାୟଣ ସାବତଙ୍କୁ ଗୁଣପୁର ତହସିଲ ଅଫିସକୁ ଅତିରିକ୍ତ ତହସିଲଦାର ଭାବେ ବଦଳି କରାଯାଇଛି ।

■ ରାଜ୍ୟ ବାହାର ବ୍ୟବସାୟୀଙ୍କ ଡେରା

# ଶୀତ ନ ଥିବାରୁ ଜମୁନି ବେପାର

**ରାୟଗଡ଼ା ଅଫିସ, ୧୪।୧୨**

ପ୍ରତିବର୍ଷ ପରି ଚଳିତବର୍ଷ ରାଜ୍ୟ ବାହାରୁ ଶୀତଋତୁରେ ଶୀତବସ୍ତ୍ର ବିକ୍ରି କରିବା ପାଇଁ ବ୍ୟବସାୟୀ ଡ଼େରା ପକାଇଛନ୍ତି । ମାସକ ତଳେ ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଆସି ରାୟଗଡ଼ାର ବ୍ଲକ ଅଫିସ ଲାଇନ ରାସ୍ତା କଡ଼ରେ ଶୀତବସ୍ତ୍ର ବିକ୍ରି କରୁଛନ୍ତି। ରାୟଗଡ଼ାରେ ଏହିସବୁ ପୋଷାକ ମିଳୁଥିଲେ ହେଁ ଏହାର ଦାମରେ କିଛିଟା ଫରକ ରୁହେ। ବାହାର ରାଜ୍ୟରୁ ଆସିଥିବା ବ୍ୟବସାୟୀ କିଛିଟା କମ ଦାମରେ ବିକ୍ରି କରୁଥିବାରୁ ଲୋକେ ଏଠାରୁ କିଣିବାକୁ ପସନ୍ଦ କରନ୍ତି । ଏଠାରେ ବ୍ୟବସାୟ ଭଲ ହେଉଥିବାରୁ ବ୍ୟବସାୟୀମାନେ ପସରା ମେଲାଇଥିଲେ ମଧ୍ୟ ଚଳିତବର୍ଷ ବେପାର ମାନ୍ଦା ହେଉଥିବା କହିଛନ୍ତି । ଏମିତି କି ସେମାନଙ୍କ ଖାଇବା ଖର୍ଚ୍ଚ ବାହାରୁ ନ ଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ଗତବର୍ଷ ଗୋଟିଏ ଦିନରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ ୧୦୦୦ ଟଙ୍କା ହେବା ବହୁତ କଷ୍ଟ ହୋଇପଡୁଛି ବୋଲି କହିଛନ୍ତି । ଆଗକୁ ଚଇତି ଆସୁଛି, ସେ ସମୟରେ କିଛି ବ୍ୟବସାୟ ହେବ ବୋଲି ଆଶା ରଖିଛନ୍ତି ବ୍ୟବସାୟୀ । ହରିୟାନାର ଏକ କମ୍ପାନୀରୁ ପ୍ରସ୍ତୁତ ଶୀତ ବସ୍ତ୍ର ଯଥା ସାଲ , ସ୍ୱେଟର, ଜାରକିନ , ପିଲାମାନଙ୍କ ସ୍ୱେଟର ବ୍ଲାଙ୍କେଟ ସବୁ ଆଣି ବିକ୍ରି କରୁଛନ୍ତି । ସବୁ ବର୍ଷ ନଭେମ୍ବର ଏବଂ ଡ଼ିସେମ୍ବର ମାସରେ ବହୁତ ଶୀତ ହୁଏ, କିନ୍ତୁ ଏଥର କମ ଥଣ୍ଡା ଥିବାରୁ ସେମାନଙ୍କ ବ୍ୟବସାୟ ହେଉନାହିଁ ବୋଲି କହିଛନ୍ତି । ଏହି ବସ୍ତ୍ର ବିକ୍ରି ପାଇଁ ମଧ୍ୟପ୍ରଦେଶରୁ ଆସି ୮ ରୁ ଊର୍ଦ୍ଧ୍ୱ ଦୋକାନ ଖୋଲିଛନ୍ତି । ଏଥିପାଇଁ ମ୍ୟୁନିସିପାଲିଟିକୁ ବ୍ୟବସାୟୀମାନେ ୭ ଦିନ କୁ ୩୦ ଟଙ୍କା ପ୍ରଦାନ କରୁଛନ୍ତି । ଏନେଇ ବ୍ୟବସାୟୀ ବାବୁ ରାମା (୬୫) କୁହନ୍ତି , ଦୀର୍ଘ ୫ ବର୍ଷ ହେଲାଣି ମୁଁ ମଧ୍ୟ ପ୍ରଦେଶରୁ ରାୟଗଡ଼ା ଆସି ଶୀତବସ୍ତ୍ର ବିକ୍ରି କରିଥାଏ । ଏହି ବର୍ଷ ଶୀତର ପ୍ରକୋପ କମ ରହିଥିବାରୁ କିଛି ବ୍ୟବସାୟ ହେଉନି। ଯାହା ଗତ ବର୍ଷ ୬୦୦ ରେ ବିକ୍ରି ହେଉଥିଲା ଏବେ ତାହା ଲୋକେ ୫୦୦ ରେ ନେବାକୁ ନାରାଜ ବୋଲି କହିଛନ୍ତି ।


ରାସ୍ତାକଡ଼ରେ ଖୋଲିଥିବା ଶୀତବସ୍ତ୍ର ଦୋକାନ ।


ମହିଳାମାନେ କୁଙ୍କୁମ ପୂଜା କରୁଛନ୍ତି ।

## ମହିଳା କଲେ କୁଙ୍କୁମ ପୂଜା

**ମୁନିଗୁଡା, ୧୪।୧୨ (ଡ଼ି.ଏନ.ଏ)**

ରାୟଗଡା ଜିଲା ମୁନିଗୁଡା ମହାଲକ୍ଷ୍ମୀ ପୂଜାମଣ୍ଡପ ଠାରେ ମହିଳାମାନଙ୍କ ଦ୍ୱାରା କୁଙ୍କୁମ ପୂଜା ଅନୁଷ୍ଠିତ ହୋଇଯାଇଛି । ପୁରୋହିତ ଜଗବନ୍ଧୁ ପଣ୍ଡା ଓ ଶ୍ୟାମସୁନ୍ଦର ଦାସଙ୍କ ମିଳିତ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପୂଜାରେ ୩୦ ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ମଣ୍ଡପ ସମ୍ମୁଖରେ ପ୍ରଥମେ କଳସ ସ୍ଥାପନ କରିଥିଲେ । ପରେ ସଂକଳ୍ପ କରି ସେଥିରେ ଦୀପ, ସିନ୍ଦୂର, ଚନ୍ଦନ, ଦେଇ ପୂଜାର୍ଚ୍ଚନା କରିଥିଲେ । ଏଥିସହ କଳସ ପାଖରେ ମା' ଲକ୍ଷ୍ମୀଙ୍କ ଫଟୋ ରଖି ସେଥିରେ ୧୦୮ ଥର ଫୁଲ ଓ କୁଙ୍କୁମ ଅର୍ପଣ କରି ପୂଜା କରିଥିଲେ । ଶେଷରେ ପୁରୋହିତ ନିକୁଞ୍ଜ ଶତପଥୀ ଓ ସଦାନନ୍ଦ ମହାପାତ୍ର ସଂକଳ୍ପ କଳସ ଗୁଡିକୁ ଆଳତି କରି ଉଦ୍‌ଯାପନ କରିଥିଲେ । ୧୦୮ ଥର ପୂଜା କରାଯାଇଥିବା କୁଙ୍କୁମକୁ ଘରକୁ ନେଇ ପ୍ରତ୍ୟେକ ଦିନ ମଥାରେ ଲଗାଇଥାନ୍ତି । ଏହି ପୂଜା ମହିଳାମାନେ କରିବା ଦ୍ୱାରା ସ୍ୱାମୀଙ୍କ ଦୀର୍ଘାୟୁ ଏବଂ ପରିବାରରେ ସବୁଦିନ ପାଇଁ ଶାନ୍ତି, ସୁଖ ଓ ସମୃଦ୍ଧି ରହିବ ବୋଲି ବିଶ୍ୱାସ ରହିଛି । ଉକ୍ତ ପୂଜାକୁ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ଗୌଡ଼, ଚକ୍ରପାଣି ମାର୍ଥା, ରମାକାନ୍ତ ମାର୍ଥା, ଅରକ୍ଷିତ ମାର୍ଥା, ବାବୁ ପଟ୍ଟନାୟକ, ଭାରତ ବନ୍ଧୁ ନାୟକ, ରିଣ୍ଟୁ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା ଓ ସହଯୋଗ କରୁଛନ୍ତି ।

## ଝୋଟିରେ ପ୍ରଦର୍ଶନ ହେଲା ଆଦିବାସୀଙ୍କ ପରମ୍ପରା


ଝୋଟି ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ ।

**ରାୟଗଡ଼ା ଅଫିସ , ୧୪।୧୨**

ରାୟଗଡ଼ା ଜିଲା ସଂସ୍କୃତି ପରିଷଦ ପକ୍ଷରୁ ମହିଳା କ୍ଲବ ସହାୟତାରେ ଚଇତି ୨୦୧୯ ଉପଲକ୍ଷେ ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଂସ୍କୃତି ଭବନ ପ୍ରାଙ୍ଗଣରେ ଆୟୋଜିତ ଏହି ପ୍ରତିଯୋଗିତାରେ ସର୍ବମୋଟ ୨୫ ଜଣ ମହିଳା ଅଂଶ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ସ୍ୱାଧୀନା ପଣ୍ଡା ପ୍ରଥମ, ସଂଯୁକ୍ତା ପଟ୍ଟନାୟକ ଦ୍ୱିତୀୟ , ଅଙ୍କିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଅନ୍ୟ ୬ ଜଣଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଆଦିବାସୀଙ୍କ ସଂସ୍କୃତି ,ପରମ୍ପରା, ମଝିଘରିଆଣୀ ମା'ଙ୍କୁ ଚିତ୍ର ଝୋଟି ମାଧ୍ୟମରେ ପ୍ରଦର୍ଶନ କରିଥିଲେ ମହିଳାମାନେ । ଏହି ପ୍ରତିଯୋଗିତାର ବିଷୟ ବସ୍ତୁ ଥିଲା ଆଦିବାସୀଙ୍କ ଭେଷଭୁଶା । ମହିଳା ସଂସ୍କୃତି କ୍ଲବ ର ସଭାପତି ସୁଜାତା ମାଦଳା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ , ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦୁଷ୍ମନ୍ତ କୁମାର ମହାନ୍ତି , ସହ ସଂଯୋଜିକା ରୀତା ରାଣୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ମହିଳା କ୍ଲବ ର ସଦସ୍ୟମାନେ ସହଯୋଗ କରିଥିଲେ ।

## ଏସ୍ଏଚ୍‌ଜି ସଦସ୍ୟଙ୍କୁ ନେଇ ବୈଠକ

**କୋଲନରା, ୧୪।୧୨ (ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କୋଲନରା ବ୍ଲକ କୈଳାସପୁର ପଞ୍ଚାୟତ ଅନ୍ତର୍ଗତ ସାନଖିଲା ପଦର ଗାଁରେ ୭ ଏସଏଚଜି ସଦସ୍ୟଙ୍କୁ ନେଇ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୋଲନରା ବିଡ଼ିଓ ତାପସ ଭୋଇ, ଡ଼ବ୍ଲ୍ୟୁଇଓ ସିଦ୍ଧାର୍ଥ କୁମାର ପଟ୍ଟନାୟକ,କୋଲନରା ତହସିଲ ସୁପରଭାଇଜର ତାରୁଣ୍ୟ ସହଦେବ ଓ ଓଡ଼ିଶା ଜୀବିକା ମିଶନର ବିପିଏମ୍ ଟୁନା ଖଟେଇ , ସରପଞ୍ଚ ଅଭିରାମ ଉଲ୍ଲାକା ଯୋଗ ଦେଇଥିଲେ । ସାନଖିଲାପଦର ଗାଁର ୭ ମହିଳା ମଣ୍ଡଳର ସଦସ୍ୟମାନଙ୍କର କେଉଁ ବ୍ୟବସାୟ ଓ ଚାଷ ପ୍ରତି ଆଗ୍ରହ ଅଛି ସେ ବିଷୟରେ ବିଡ଼ିଓ ପଚାରି ବୁଝିଥିଲେ । ଏଠାରେ ଥିବା ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ରରେ କେତେ ଅଣ୍ଡା ଆବଶ୍ୟକ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା । କୁକୁଡ଼ା ଚାଷ, ଗୋ ପାଳନ, ପରିବା, ମାଛ, ମକା ଓ ଅନ୍ୟାନ୍ୟ ଚାଷ ପାଇଁ ସମସ୍ତେ ଆଗ୍ରହ ଥିବା ପ୍ରକାଶ କରିଥିଲେ । ଏ ଦିଗରେ ତହସିଲ ପକ୍ଷରୁ ଜମି ଚିହ୍ନଟ କରାଯିବା ସହ ଜଙ୍ଗଲ ଜମି ଯୋଗାଣ ଓ ବିଭିନ୍ନ ସୂତ୍ରରୁ ଅର୍ଥ ଯୋଗାଇ ଦିଆଯିବ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ଆଇଟିଡ଼ିଏ ସଂସ୍ଥା ସହଯୋଗ ଯୋଗାଇ ଦେଉଥିବା ଡ଼ବ୍ଲୁଇଓ ପ୍ରକାଶ କରିଛନ୍ତି ।

## ରାଷ୍ଟ୍ରୀୟ ଲୋକ ଅଦାଲତ


ଲୋକ ଅଦାଲତାରେ ବିଚାର ଚାଲିଛି ।

**ରାୟଗଡ଼ା ଅଫିସ, ୧୪।୧୨**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାୟଗଡ଼ା ଜିଲା ସିଭିଲ କୋର୍ଟ ପରିସରରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ରାୟଗଡ଼ା ମୁଖ୍ୟ କୋର୍ଟ ସମେତ ଗୁଣୁପୁର , ବିଷମକଟକ, କାଶୀପୁରରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ୮୭ଟି ମାମଲାର ଫଇସଲା କରାଯାଇ ୬,୪୫୮,୪୯୮ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ସେହିପରି ବ୍ୟାଙ୍କ ପ୍ରିଲିଟିଗେଶନ ସମ୍ବନ୍ଧିତ ୧୧୮ଟି ମାମଲାର ଫଇସଲା କରାଯାଇ ୧୭,୦୯,୯୮୪ ଟଙ୍କା ଜରିମାନା ଆଦାୟ ହୋଇଛି । ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସୋମଶେଖର ଜେନାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାୟୀ ଲୋକ ଅଦାଲତର ଜଜ୍ ହିମାଂଶୁ ଶେଖର ବ୍ରହ୍ମା, ପରିବାର ଅଦାଲତ ଜଜ୍ ସୌଭାଗିନୀ ମଲ୍ଲିକ, ଅତିରିକ୍ତ ଜିଲା ଦୌରା ଜଜ୍ ଆଶିଷ କୁମାର ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଜ୍ଞାନେନ୍ଦ୍ର କୁମାର ବାରିକ , ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ବରିଷ୍ଠ ଦେୱାନୀ ବିଚାରପତି ଶତରୂପା ଶତପଥୀ , ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ବୈଶାଳୀ ନାୟକ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଶୋଭନ କୁମାର ପଣ୍ଡା , ସୂର୍ଯ୍ୟନାରାୟଣ ମହାନ୍ତିଙ୍କ ସହଯୋଗରେ ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହୋଇଥିଲା ।

## ଆଶାକର୍ମୀଙ୍କୁ ତାଲିମ କାର୍ଯ୍ୟକ୍ରମ

**କୋଲନରା, ୧୪।୧୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗତ ୧୨ ତାରିଖରୁ ବିଭିନ୍ନ ସେକ୍ଟରରେ ଆଶାକର୍ମୀମାନଙ୍କର ଏକ ୫ ଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ରେଖାପଦର ସେକ୍ଟରରେ ରେଖାପଦର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଓ ମୁକୁନ୍ଦପୁର ସେକ୍ଟରର ମୁକୁନ୍ଦପୁର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମୁକୁନ୍ଦପୁରଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁକୁନ୍ଦପୁର ସରପଞ୍ଚ ଶିବ କଣ୍ଡାଗରୀ ଉଦ୍‌ଘାଟନ କରିଥିଲେ । ସେହିପରି ରେଖାପଦରଠାରେ ସରପଞ୍ଚ ଜୟନ୍ତୀ ତାଡିଙ୍ଗି ଉଦ୍‌ଘାଟନ କରିଥିଲେ । କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିପିଏମ୍ କଳ୍ପନା ମିଶ୍ର, ଆୟୁଷ ଡାକ୍ତର ରଶ୍ମିପ୍ରଭା ଦାସ, ତାଲିମଦାତା ଭାବେ ସୁପରଭାଇଜର ପି. ଦେବେନ୍ଦ୍ର ଏବଂ ଡା. ଶ୍ରୀନିବାସ ଯୋଗ ଦେଇଥିଲେ। ଏଠାରେ ଆଶାକର୍ମୀମାନଙ୍କର ଦାୟିତ୍ୱ, ମାତୃ ଓ ନବଜାତ ଶିଶୁର ସ୍ୱାସ୍ଥ୍ୟ ସମ୍ପର୍କରେ ପୋଷଣ ଖାଦ୍ୟ, ଟିକାକରଣ, କିଶୋର ସ୍ୱାସ୍ଥ୍ୟ ସମ୍ପର୍କରେ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ପର୍କରେ ତାଲିମ ଦିଆଯାଉଛି । ରେଖାପଦରଠାରେ ୪୨ ଜଣ ଓ ମୁକୁନ୍ଦପୁରଠାରେ ୪୯ ଜଣ ଆଶାକର୍ମୀ ତାଲିମ ନେଉଛନ୍ତି ।


ତାଲିମ କାର୍ଯ୍ୟକ୍ରମରେ ଆଶାକର୍ମୀଙ୍କ ସହ ଅନ୍ୟମାନେ ।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ଟିକିରି, ୧୪।୧୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡାସ୍ଥିତ ଉତ୍କଳ ଆଲୁମିନା କାରଖାନା ନିକଟସ୍ଥ ଡି. କୋରଲ ଛକଠାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ସେ ହେଲେ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ତୁଦେଇ ଗ୍ରାମର ପୀତବାସ ମୁଦୁଲି। ତାଙ୍କୁ ସଙ୍ଗେ ସଙ୍ଗେ ନୂଆପଡାସ୍ଥିତ ଉତ୍କଳ ହାସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ୬ ମାମଲା ଫଇସଲା


ଲୋକ ଅଦାଲତାରେ ମାମଲାର ବିଚାର ଚାଲିଛି ।

**ଗୁଣପୁର, ୧୪।୧୨ (ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୨ଟି କ୍ରିମିନାଲକେସ, ଗୋଟିଏ ବ୍ୟାଙ୍କ ମାମଲା, ସିଭିଲକେସ ୨ଟି ଏବଂ ଗୋଟିଏ ମେଟ୍ରିମୋନିଆଲ ଏପରି ସମୁଦାୟ ୬ଟି ମାମଲାର ଫଇସଲା ହୋଇଥିଲା । ବ୍ୟାଙ୍କ ମାମଲାରେ ୬୨,୦୦୦ ଟଙ୍କା ଆଦାୟ ହୋଇଥିଲା । ଏଡିଜେ ଅଜୟ କୁମାର ପ୍ରଧାନ, ସବଜଜ୍ ସଙ୍ଗୀତା ମଲିକ, ଏସଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଲୋକ ଅଦାଲତରେ ମିଳିଲା ଚାଉଳ

**ରାୟଗଡ଼ା ଅଫିସ , ୧୪।୧୨**

ରାୟଗଡ଼ା ମହିଳା ମହାବିଦ୍ୟାଳୟ ପଛପଟେ ଥିବା ଝୋଡ଼ିଆ ସାହିରେ ରୁହନ୍ତି ଦୃଷ୍ଟିହୀନ ଜାନୁ ଟାକିରି(୫୫) । ତାଙ୍କର ଆଧାର କାର୍ଡ଼ ନ ଥିବାରୁ ସେ ସେପ୍ଟେମ୍ବରରୁ ପିଡ଼ିଏସ୍ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ଫଳରେ ସେ ଭୋକ ଉପାସରେ ରହିବା ସହ ଭିକ୍ଷା ମାଗି ଚଳୁଥିଲେ । ସ୍ଥାୟୀ ଲୋକ ଅଦାଲତ ସଦସ୍ୟ ଡ଼. ଦୁଷ୍ମନ୍ତ ମହାନ୍ତି ଏହା ଦେଖି ଜାନୁଙ୍କୁ ସମସ୍ୟା ବିଷୟରେ ପଚାରିଥିଲେ । ସବୁ ଶୁଣିବା ପରେ ସେ ସ୍ଥାୟୀ ଅଦାଲତରେ ମାମଲା ରୁଜୁ କରିଥିଲେ । ଶନିବାର ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ହିମାଂଶୁଶେଖର ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ଏହି ମାମଲା ଫଇସଲା ହୋଇଛି । ସ୍ଥାୟୀ ଲୋକ ଅଦାଲତରେ ଏକ ମାମଲା ରୁଜୁ କରାଯାଇଥିବାରୁ ମାମଲାର ନ୍ୟାୟୀକ ବିଚାର ହୋଇଥିଲା । ପରେ ଅଦାଲତ ତାଙ୍କର ଆଧାର କାର୍ଡ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଜାନୁଙ୍କୁ ପିଡ଼ିଏସ ଚାଉଳ ୩୦ କିଲୋ ପ୍ରଦାନ କରାଯାଇଛି । ସେହିପରି ସ୍ଥାୟୀ ଲୋକ ଅଦାଲତରେ ଅନ୍ୟ ଏକ ମାମଲାର ବିଚାର ହୋଇଛି । ସହରର ଜ୍ୟୋତି ଶ୍ରୀନଗରରେ ଦୀର୍ଘ ଦିନ ହେଲା ଟ୍ରାନ୍ସଫର୍ମର ଲଗାଯାଇଥିଲେ ସୁଦ୍ଧା ବିଦ୍ୟୁତ ସଂଯୋଗ କରାଯାଇ ନାହିଁ । ଫଳରେ ଅଞ୍ଚଳବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି । ଏହି ମାମଲାର ବିଚାର କରି ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଆସନ୍ତା ୩୧ ସୁଦ୍ଧା ଉକ୍ତ ଅଞ୍ଚଳରେ ବିଦ୍ୟୁତ ସଂଯୋଗ କରିବାକୁ ସାଉଥ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାୟୀ ଲୋକ ଅଦାଲତର ସଦସ୍ୟ ସାଲଭା ରାଜୁ ଉପସ୍ଥିତ ଥିଲେ ।


ଜାନୁ ଟାକିରିଙ୍କୁ ଚାଉଳ ପ୍ରଦାନ କରାଯାଉଛି ।

## ଶକ୍ତି ସଂରକ୍ଷଣ ନେଇ ସଚେତନତା ଶୋଭାଯାତ୍ରା

**ମୁନିଗୁଡା, ୧୪।୧୨ (ଡି.ଏନ୍.ଏ.)**

ଶକ୍ତି ସଂରକ୍ଷଣ ଦିବସ ପାଳନ ଉପଲକ୍ଷେ ମୁନିଗୁଡା ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ତରଫରୁ ଶନିବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ କରୁଣାକର ସାମଲଙ୍କ ନେତୃତ୍ୱରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶକ୍ତି ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ହାଇସ୍କୁଲଠାରୁ ବାହାରି ଶହୀଦ ଲକ୍ଷ୍ମଣ ନାୟକ ବସ୍ ରହଣିସ୍ଥଳ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ । ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭାରେ ସମବେତ ହୋଇଥିଲେ । ପ୍ରଧାନଶିକ୍ଷକଙ୍କ ସମେତ ସହକାରୀ ଶିକ୍ଷକ ଦାମୋଦର ସାମଲ, ସମୀର କୁମାର ସାହୁ, କୃଷ୍ଣଚନ୍ଦ୍ର ଗୌଡ, ଏମ୍. ସାଇଲକ୍ଷ୍ମୀ, ଗାୟତ୍ରୀ ଦାସ, ସମନ ଶବର ପ୍ରମୁଖ ଶକ୍ତି ସଂରକ୍ଷଣ ଦିବସ ପାଳନର ଉଦ୍ଦେଶ୍ୟ, ଉନ୍ନତ ଭବିଷ୍ୟତ ପାଇଁ ଶକ୍ତି ସଂରକ୍ଷଣର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଗତ ୩ ତାରିଖରେ ବ୍ଲକ ସ୍ତରରେ ଏବଂ ୮ ତାରିଖରେ ଜିଲାସ୍ତରରେ ପ୍ରଥମ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଶମ ଶ୍ରେଣୀ ଛାତ୍ର ଶୁଭ୍ ସାହୁ, ବ୍ଲକ ସ୍ତରରେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ହିତେଶ୍ୱର କୁଶୁଲ୍ୟା (୧୦ମ) ଓ ବିକାଶ ପାଣିଗ୍ରାହୀ (ନବମ)ଙ୍କୁ ପ୍ରମାଣପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା ।



ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି ।

